# ଦକ୍ଷତା ବୃଦ୍ଧି ସୂଚନା

## ଉତ୍ପାଦନ ପୂର୍ବ ପର୍ଯ୍ୟାୟ

୫ମାସ ପରେ ମାଈ କୁକୁଡା ଅଣ୍ଡା ଦେବା ଆରମ୍ଭ କରିବେ

## ନିରପେକ୍ଷ ସଂସ୍ଥାର ଭୂମିକା

୪ ସପ୍ତାହ କୁକୁଡା ଚିଆଁ ଯୋଗାଣ
ଅଣ୍ଡା ବିକ୍ରି ପାଇଁ ବଜାର ସଂଯୋଗ
ପ୍ରାଣୀମିତ୍ର ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ହିତାଧିକାରୀଙ୍କୁ ପରାମର୍ଶ ଓ ସମୟୋପଯୋଗୀ ସହାୟତା

## ଆନୁସଙ୍ଗିକ ଆବଶ୍ୟକତା

କୁକୁଡା ରଖିବା ପାଇଁ ଘର
ଲିଟର୍ପ୍ରସ୍ତୁତି
ପାଣି ଓ ଆଲୋକ ବ୍ୟବସ୍ଥା
କୁକୁଡା ଦାନା ଯୋଗାଡ

## ସୁପାରିଶ

ଦୈନିକ ଯତ୍ନ ପାଇଁ ପରିବାରର ଜଣେ ସଦସ୍ୟ ଦାୟିତ୍ୱ ନେବା ଆବଶ୍ୟକ
ଜୈବନିରାପତ୍ତା – ପରିସ୍କାର ପରିଛନ୍ନତା

## ଆବଶ୍ୟକ ଦକ୍ଷତା

- ନିଜ ଅଂଚଳରେ ମିଳୁଥିବା ଉପାଦାନକୁ ବ୍ୟବହାର କରି କୁକୁଡା ଖାଦ୍ୟ ପ୍ରସ୍ତୁତି
- ରୋଗର ଲକ୍ଷଣ ଦେଖି ପ୍ରାରମ୍ଭିକ ଚିହ୍ନଟ
- ଅଣ୍ଡା ସଂଗ୍ରହ ଓ ସାଇତିବା ଉପାୟ
- ଟିକାକରଣ, କୃମିନାଶନ

## ଆଶଙ୍କା

ସଂକ୍ରାମକ ରୋଗ- କୁକୁଡା ମରୁଡି,
କୁକୁଡା ବସନ୍ତ
ପରିଚାଳନାଗତ ତ୍ରୁଟି
ଖାଦ୍ୟ ଯୋଗାଣରେ ଅନିୟମତତା

## ବ୍ୟୟ ଅଟକଳ

| | |
|---|---|
| ୮୦ ଟି ୨୮ ଦିନିଆ କୁକୁଡ଼ା ଚିଆଁ - | ଟ. ୫୬୦୦/- |
| ପ୍ରଥମ ୬ ସପ୍ତାହ ଦାନା ଖର୍ଚ୍ଚ - | ଟ. ୬୨୫୦/- |
| ଉପକରଣ ଓ ଟିକାକରଣ- | ଟ. ୬୫୦/- |
| ମୋଟଅଟକଳ – | ଟ. ୧୨,୫୦୦/- |

କାଳିଆ

କୃଷି କଲେ ଉନ୍ନତ ସକଳ ଉନ୍ନତି

# ଭୂମିହୀନ ହିତାଧିକାରୀମାନଙ୍କୁ 'କାଳିଆ' ଯୋଜନାରେ ଅଳ୍ପ ସଂଖ୍ୟକ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ସହାୟତା




**ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା**

ମଙ୍ଗଳାବାଗ, କଟକ - ୭୫୩୦୦୧

ଫୋନ: ୦୬୭୧ - ୨୪୧୪୬୨୯

Email: dahvsorissa@gmail.com, Website: www.odishaahvs.com

# ଅଳ୍ପ ସଂଖ୍ୟକ ଅଣ୍ଡାଦିଆ କୁକୁଡ଼ା ପାଳନ

- ଅଣ୍ଡାଦିଆ କୁକୁଡ଼ା ପାଳନ ଏକ ଲାଭ ପ୍ରଦାନକାରୀ ଧନ୍ଦା
- ଅଣ୍ଡାଦିଆ କୁକୁଡ଼ାର ଏକ କ୍ଷୁଦ୍ର ଇଉନିଟ୍ ଗାଁ ଗହଳିରେ ଅତି ସହଜରେ କରାଯାଇ ପାରିବ
- ସରକାରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଯୋଗାଣକାରୀ ଉପଯୁକ୍ତ ମୂଲ୍ୟରେ କୁକୁଡ଼ା ଚିଆଁ ଯୋଗାଇଦେବେ
- ଏଥିପାଇଁ ଅଧିକ ଖର୍ଚ୍ଚ କରି ଗୃହ ନିର୍ମାଣର ଆବଶ୍ୟକତା ନାହିଁ। ଦେଶୀ କୁକୁଡ଼ା ରହିବା ଘରେ ଏମାନେ ରହିପାରିବେ
- ଏ କୁକୁଡ଼ା ଦିନବେଳେ ଚରିବୁଲି ଖାଇବେ ଓ ରାତ୍ରି ସମୟରେ ତାଙ୍କ ପାଇଁ ଉଦ୍ଦିଷ୍ଟ କୁକୁଡ଼ା ଘରେ ରହିବେ
- ଏପରି କୁକୁଡ଼ା ପାଳନ ନିମନ୍ତେ ବେଶୀ କିଛି ପରିଶ୍ରମର ଆବଶ୍ୟକତା ପଡ଼ିବ ନାହିଁ। ସ୍ତ୍ରୀଲୋକ ମାନେ ଦୈନନ୍ଦିନ ଘର କାମ ସାଙ୍ଗକୁ ଅତି କମ ପରିଶ୍ରମରେ ଏ କୁକୁଡ଼ା ଗୁଡ଼ିକର ଯତ୍ନ ନେଇ ପାରିବେ
- ଗ୍ରାମାଞ୍ଚଳରେ କୁକୁଡ଼ା ଅଣ୍ଡାର ବହୁଳ ଚାହିଦା ଥିବାରୁ ଅଣ୍ଡା ବିକ୍ରିରେ କୌଣସି ସମସ୍ୟା ଆସିବ ନାହିଁ। ବଳକା ଅଣ୍ଡା ନିକଟସ୍ଥ ଅଙ୍ଗନବାଡ଼ି କେନ୍ଦ୍ର ବା ସ୍କୁଲରେ ମଧ୍ୟାହ୍ନ ଭୋଜନରେ ବ୍ୟବହାର ପାଇଁ ବିକ୍ରି କରାଯାଇପାରିବ
- ଗୋଟିଏ କୁକୁଡ଼ା ବର୍ଷକୁ ହାରାହାରି ୧୫୦ ରୁ ୧୮୦ ଅଣ୍ଡା ଦେଇଥାଏ। ତେଣୁ ଏହା ଲାଭଜନକ ହେବ
- ପ୍ରାଣୀ ସଂପଦ ବିକାଶ ବିଭାଗରେ କାର୍ଯ୍ୟରତ ପ୍ରାଣୀଚିକିତ୍ସକ ଓ ପ୍ରାଣୀଧନ ନୀରିକ୍ଷକମାନେ କୁକୁଡ଼ାଙ୍କ ଟୀକାକରଣ ଓ ରୋଗ ନିରାକରଣର ବ୍ୟବସ୍ଥା କରିବେ। ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଦରକାରୀ ସହଯୋଗ ବିଭାଗ ତରଫରୁ ଯୋଗାଇ ଦିଆଯିବ
- ଭୂମିହୀନ ଚାଷୀ ପରିବାରର ଜୀବିକାର୍ଜନରେ କ୍ଷୁଦ୍ର ଅଣ୍ଡାଦିଆ କୁକୁଡ଼ା ପାଳନ ୟୁନିଟ୍ ବିଶେଷ ଭାବେ ସହାୟକ ହେବ

କାଳିଆ ଯୋଜନା ଅନ୍ତର୍ଗତ ଜୀବିକା ସହାୟତା ବର୍ଗରେ ରାଜ୍ୟର ଭୂମିହୀନ ପରିବାରକୁ ୪ ସପ୍ତାହ ବୟସର ୮୦ ଗୋଟି ଅଣ୍ଡାଦିଆ କୁକୁଡ଼ା ଯୋଗାଇ ଦିଆଯିବ। ଏଗୁଡ଼ିକ କଳିଙ୍ଗ ବ୍ରାଉନ, ରୋଡ୍ ଆଇଲାଣ୍ଡ ରେଡ୍, ପଲ୍ଲିଶ୍ରୀ, କ୍ୟାରୀ ସୋନାଲୀ, କ୍ୟାରୀ ପ୍ରିୟା ଓ ଗ୍ରାମ ପ୍ରିୟା ପ୍ରଜାତିର ରହିବେ। ଏଥି ନିମନ୍ତେ ପ୍ରତ୍ୟେକ ଭୂମିହୀନ ପରିବାରକୁ ୧୨୫୦୦ ଟଙ୍କାର ସହାୟତା ରାଶି ୩ଟି କିସ୍ତିରେ ଯୋଗାଇ ଦିଆଯିବ। ଏହା ସେମାନଙ୍କ ଜୀବିକା ସହାୟତାର ଏକ ବଳିଷ୍ଠ ଓ ନିର୍ଭରଯୋଗ୍ୟ ମାଧ୍ୟମ ହୋଇ ଠିଆହେବ।

ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ପ୍ରତ୍ୟେକ ୟୁନିଟ୍ ଖର୍ଚ୍ଚ ନିମ୍ନ ମତେ ଅଟକଳ କରାଯାଇଛି।

| **ଖର୍ଚ୍ଚର ବିବରଣୀ** | **ଖର୍ଚ୍ଚ (ଟଙ୍କାରେ)** |
| --- | --- |
| ୪ ସପ୍ତାହ ବୟସର ୮୦ ଗୋଟି ମାଈ ଅଣ୍ଡାଦିଆ କୁକୁଡ଼ା ଯୋଗାଣ (ବ୍ଲକ ସଦର ମହକୁମା ଠାରେ)- ଗୋଟିଏକୁ ୭୦ ଟଙ୍କା ହିସାବରେ | ୫୬୦୦.୦୦ |
| କୁକୁଡ଼ା ପାଳନ ଉପକରଣ ( ୨ଗୋଟି ଫିଡର ଓ ୧ ଗୋଟି ଡ୍ରିଙ୍କର) ଏବଂ ଟୀକାକରଣ | ୬୫୦.୦୦ |
| ପ୍ରାଥମିକ ୬ ସପ୍ତାହର ଦାନା ଖର୍ଚ୍ଚ- ୨୫୦ କି.ଗ୍ରା. ଓ କି.ଗ୍ରା. ପ୍ରତି ୨୫ ଟଙ୍କା ହିସାବରେ | ୬୨୫୦.୦୦ |
| **ମୋଟ୍** | **୧୨୫୦୦.୦୦** |

ଗ୍ରାମାଞ୍ଚଳର ଏକ ଭୂମିହୀନ ପରିବାର ଅନେକ ସମୟରେ ଜୀବିକା ପାଇଁ ସଂଘର୍ଷ କରିଥାଏ। ହିସାବ କରି ଦେଖାଯାଇଛି ଯେ ୮୦ ଟି ଅଣ୍ଡାଦିଆ କୁକୁଡ଼ା ପାଇଁ ଚିଆଁ, ଦାନା, ଟୀକା ଓ ଔଷଧ ଆଦି ବାବଦକୁ ବାର୍ଷିକ ୪୨୪୫୫ ଟଙ୍କା ଖର୍ଚ୍ଚ ହେବ ତଥା ଅଣ୍ଡା ଓ କୁକୁଡ଼ା ବିକ୍ରିରୁ ୬୪୮୦୦ ଟଙ୍କା ଆୟ ହେବ। ଫଳରେ ସରକାରଙ୍କ କାଳିଆ ଯୋଜନାରେ ଏହି କ୍ଷୁଦ୍ର ଅଣ୍ଡାଦିଆ କୁକୁଡ଼ା ପାଳନ ୟୁନିଟ୍ ଗୋଟିଏ ଭୂମିହୀନ ପରିବାରକୁ ବାର୍ଷିକ ଅନ୍ତତଃ ୨୨୦୦୦ ଟଙ୍କାର ଲାଭ ଆଣିଦେବ। ଏହି ଆୟ ସେ ପରିବାରର ଜୀବିକା ନିର୍ଦ୍ଧାରଣରେ ଅତ୍ୟନ୍ତ ସହାୟକ ହେବ।

